ପତ୍ର ସଂ –୨୯/୨୦୨୪ | ସପ୍ତାହ-୧୫ | ମଙ୍ଗଳବାର, ତାରିଖ-୦୯.୦୪.୨୦୨୪

## ନୂଆପଡ଼ା ଜିଲ୍ଲା ପାଇଁ ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ:

| ଜିଲ୍ଲା | ତାରିଖ | ବର୍ଷା ପରିମାଣ (ମି.ମି.) | ସର୍ବାଧିକ ତାପମାତ୍ରା ($^0$ସେ.) | ସର୍ବନିମ୍ନ ତାପମାତ୍ରା ($^0$ସେ.) | ଆକାଶରେ ମେଘର ପରିମାଣ (ଅକଟା) | ସର୍ବାଧିକ ଆପେକ୍ଷିକ ଅଦ୍ରତା (%) | ସର୍ବନିମ୍ନ ଆପେକ୍ଷିକ ଅଦ୍ରତା (%) | ପବନର ବେଗ (କି.ମି. ପ୍ରତି ଘଣ୍ଟା ) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| ନୂଆପଡ଼ା | ୧୦-୦୪-୨୦୨୪ | ୧୨ | ୩୦ | ୧୯ | ୭ | ୫୭ | ୨୨ | ୯ | ୧୬୫ |
| | ୧୧-୦୪-୨୦୨୪ | ୪ | ୩୨ | ୨୦ | ୬ | ୫୯ | ୩୫ | ୮ | ୨୪୮ |
| | ୧୨-୦୪-୨୦୨୪ | ୧ | ୩୬ | ୨୦ | ୫ | ୫୬ | ୩୬ | ୭ | ୧୫୮ |
| | ୧୩-୦୪-୨୦୨୪ | ୧ | ୩୮ | ୨୨ | ୪ | ୪୯ | ୨୩ | ୬ | ୨୪୦ |
| | ୧୪-୦୪-୨୦୨୪ | ୦ | ୩୮ | ୨୨ | ୪ | ୫୭ | ୨୮ | ୭ | ୨୪୪ |

ଅଧିକ ସୂଚନା ପାଇଁ ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ବର ସହିତ ଯୋଗାଯୋଗ କରନ୍ତୁ ଫୋନ.#୦୬୭୪ - ୨୫୯୦୬୧୧୬

### ପାଣିପାଗ ସଂକ୍ଷିପ୍ତସାର/ସତର୍କ ସୂଚନା

ଭାରତୀୟ ପାଣିପାଗ ବିଭାଗର ଉପରୋକ୍ତ ଆକଳନ ଅନୁସାରେ ଆସନ୍ତା ସପ୍ତାହରେ ମଧ୍ୟରେ ଅତୀବ ସ୍ୱଳ୍ପ ରୁ ସ୍ୱଳ୍ପ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଏହି ଦିନଗୁଡ଼ିକରେ ଆକାଶ ମୁଖ୍ୟତଃ ଆଂଶିକ ରୁ ସାଧାରଣତଃ ମେଘୁଆ ରହିବା ସହିତ ଉକ୍ତ ସମୟ ମଧ୍ୟରେ ପବନ ଦକ୍ଷିଣ ରୁ ଦକ୍ଷିଣ-ପଶ୍ଚିମ ଦିଗ ଆଡୁ ଘଣ୍ଟା ପ୍ରତି ସର୍ବାଧିକ ୦୦୯ କି.ମି. ବେଗରେ ବହିବାର ଆଶଙ୍କା ରହିଛି । ଆସନ୍ତା ପାଞ୍ଚ ଦିନରେ ଦିନର ସର୍ବାଧିକ ତାପମାତ୍ରା ୩୦ – ୩୮ ଡିଗ୍ରୀ ସେ. ଓ ସର୍ବନିମ୍ନ ତାପମାତ୍ରା ୧୯ - ୨୨ ଡିଗ୍ରୀ ସେ. ଏବଂ ସର୍ବାଧିକ ଓ ସର୍ବନିମ୍ନ ଆପେକ୍ଷିକ ଆଦ୍ରତା ଯଥାକ୍ରମେ ୪୯ – ୫୭ % ଓ ୨୩ – ୩୬ % ରହିବ ବୋଲି ଆଶା କରାଯାଏ ।

**ଚେତାବନୀ :** ନାହିଁ

### ସାଧାରଣ ପରାମର୍ଶ

- ଆସନ୍ତା ସପ୍ତାହରେ ଅତୀବ ସ୍ୱଳ୍ପ ରୁ ସ୍ୱଳ୍ପ ଧରଣର ବର୍ଷାର ଆକଳନ ଥିବାରୁ ପାକଳ ହେଇଯାଇଥିବା ଫସଲକୁ ତୁରନ୍ତ ଅମଳ କରି ସୁରକ୍ଷିତ ସ୍ଥାନକୁ ନେଇ ଆସନ୍ତୁ ।
- ଆସନ୍ତା ସପ୍ତାହରେ ପାଣିପାଗ ଆକଳନ କୁ ଆଧାର କରି ଜମିରେ ରସାୟନିକ ଔଷଧ ଓ ସାରର ପ୍ରୟୋଗ ବର୍ତମାନ ପାଇଁ ସ୍ଥଗିତ ରଖନ୍ତୁ ।
- ବ୍ଯବସାୟିକ ଭିତ୍ତିୟ ପନିପରିବା ଚାଷରେ ଏବଂ ଫଳ ବଗିଚାରେ ଜଳାଭାବକୁ ଏଡ଼େଇବା ପାଇଁ ଏବଂ ପାଣିର ସଠିକ ଉପଯୋଗ ନିମନ୍ତେ ବୁନ୍ଦା ଜଳସେଚନର ବ୍ୟବସ୍ଥା କରନ୍ତୁ ଯଦ୍ୱାରା ୭୦ ପ୍ରତିଶତ ପର୍ଯନ୍ତ ପାଣି ମଧ ବଞ୍ଚିବ।
- ଜମିକୁ ସର୍ବଦା ଘାସମୁକ୍ତ ରଖନ୍ତୁ ଏବଂ ଫସଲରେ ନିୟମିତ ରୋଗ ଓ ପୋକର ଉପସ୍ଥିତି କୁ ନିରୀକ୍ଷଣ କରନ୍ତୁ ।
- ପାଣିପାଗ ଆକଳନକୁ ଲକ୍ଷ୍ୟ କରି ପଶୁ ମାନଙ୍କୁ ଗୁହାଳ ଭିତରେ ରଖନ୍ତୁ ଏବଂ ପର୍ଯ୍ୟାପ୍ତ ପରିମାଣରେ ଥଣ୍ଡା ତଥା ନିର୍ମଳ ପାନୀୟ ଜଳ ସହିତ ଖାଦ୍ୟର ବ୍ୟବସ୍ଥା କରନ୍ତୁ

| ସଂକ୍ଷିପ୍ତ ବାର୍ତା | ଜଳସେଚନ ନିମନ୍ତେ ପାରୁପର୍ଯନ୍ତ ବର୍ଷା ଜଳକୁ ସଂଗ୍ରହ କରନ୍ତୁ । |
|---|---|
| **ପାଣିପାଗ ଭିତ୍ତିକ କୃଷି ପରାମର୍ଶ:** | |
| **ଫସଲ (ଅବସ୍ଥା)** | **ପରାମର୍ଶ** |
| **ଡାଲୁଅ ଧାନ**<br>( କେଣ୍ଡା/ଫୁଲ ବାହାରିବା ଅବସ୍ଥା) | **ସାର ପରିଚାଳନା:**<br>▪ କେଣ୍ଡା ବାହାରିବ ପୂର୍ବରୁ ରୁଆ ଧାନରେ ଏକର ପ୍ରତି ୩୫ କିଲୋଗ୍ରାମ ୟୁରିଆ ସହିତ ୧୧ କିଲୋଗ୍ରାମ ଏମ୍‌ଓପି ସାର ପ୍ରୟୋଗ କରନ୍ତୁ ଏବଂ କାଦୁଅ ବୁଣା ଧାନ ହୋଇଥିଲେ ଏକର ପ୍ରତି ୨୨ କିଲୋଗ୍ରାମ ୟୁରିଆ ସହିତ ୧୧ କିଲୋଗ୍ରାମ ଏମ୍‌ଓପି (ପୋଟାସ୍) ସାର ପ୍ରୟୋଗ କରନ୍ତୁ<br>**ରୋଗ ଓ ପୋକ ପରିଚାଳନା:**<br>▪ **ମହିଷା ରୋଗ:** ମହିଷା ରୋଗର ପ୍ରାଦୁର୍ଭାବ ଦେଖା ଦେଉଥିଲେ ପ୍ରତି ୧୦ ଲିଟର ପାଣିରେ ୪ ଗ୍ରାମ ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ ୨୫% ଡବ୍ଲୁ. ଜି. କିମ୍ବା ୧୦ ଗ୍ରାମ କାରବେନଡାଜିମ୍ ୫୦% ଡବ୍ଲୁ.ପି. କିମ୍ବା ୧୦ ମି.ଲି. ଏଡିଫେନୋଫୋସ୍ ୫୦% ଇ.ସି. କୁ ମିଶ୍ରଣ କରି ସିଂଚନ କରନ୍ତୁ।<br>▪ **ପତ୍ର ପୋଡ଼ା ରୋଗ:** ପତ୍ରପୋଡ଼ା ରୋଗ ଦେଖାଦେଲେ ଏହାର ନିୟନ୍ତ୍ରଣ ପାଇଁ ୧ ଗ୍ରାମ ପ୍ଲାନଟୋମାଇସିନ ସହିତ ୨.୫ ଗ୍ରାମ କପରଅକ୍ସିକ୍ଲୋରାଇଡ କୁ ପ୍ରତି ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।<br>▪ **କାଣ୍ଡବିନ୍ଧା ବା ଗଣ୍ଡି ପୋକ ଓ ପତ୍ରମୋଡ଼ା ପୋକ:** ଗଣ୍ଡି ପୋକ ଅଧିକ ସଂକ୍ରମିତ ନହେବା ପାଇଁ ଯବକ୍ଷାରଜାନ ଯୁକ୍ତ ସାରକୁ ବିଚାର କରି ପ୍ରୟୋଗ କରନ୍ତୁ । ଗଣ୍ଡିପୋକ ର ଅଣ୍ଡା ସମୂହ କୁ ଦେଖିବାକୁ ପାଇଲେ ତାହାକୁ ହାତରେ ସଂଗ୍ରହ କରି ନଷ୍ଟ କରିଦିଅନ୍ତୁ। କାଣ୍ଡବିନ୍ଧା ଓ ପତ୍ରମୋଡ଼ା ପୋକର ନିରୀକ୍ଷଣ ପାଇଁ ଏକର ପିଛା ଟ୍ରାପ୍ ପ୍ରତି ୫ ମିଲିଗ୍ରାମ ଲିଓର ସହିତ ୩ ଟି ଯୌନ ସମ୍ବେଦନଶୀଳ ଯନ୍ତା ବା ଫେରୋମୋନ ଟ୍ରାପ ଲଗାନ୍ତୁ । ଯଦି ପୁରୁଷ ପ୍ରଜାପତିର ସଂଖ୍ୟା ଗୋଟିଏ ଦିନରେ ଯନ୍ତା |

| | |
|---|---|
| | ପ୍ରତି ୪ ରୁ ୫ ହେଇଯିବ ତେବେ ଦାନାଦାର ଔଷଧ ଭାବରେ ଏକର ପିଛା ୧୦ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ ୪ଜି କୁ ସମାନ ପରିମାଣର ବାଲି ସହିତ ମିଶାଇ ଜମିରେ ପ୍ରୟୋଗ କରନ୍ତୁ ନଚେତ ୩ ମି.ଲି କ୍ଲୋରାନ୍ଟ୍ରାନିଲିପ୍ରୋଲ ୧୮.୫% ଏସ.ସି କିମ୍ବା ୧ ମି.ଲି ଫ୍ଲୁବେଣ୍ଡିଆମାଇଡ୍ ୩୯.୩୫% ଏସ.ସି କୁ ପ୍ରତି ୧୦ ଲିଟର ପାଣିରେ ମିଶ୍ରଣ କରି ସିଂଚନ କରନ୍ତୁ। |
| **ମୁଗ ଓ ବିରି**<br>(ପାକଳ ଅବସ୍ଥା/ଅମଳ ଅବସ୍ଥା) | **ଅମଳ ପରବର୍ତୀ ଯତ୍ନ**<br>▪ ୭୫ ରୁ ୮୦ ଭାଗ ଛୁଇଁ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ ଏବଂ ଅମଳ ପରେ ମଞ୍ଜିକୁ ଖରାରେ ଭଲଭାବରେ ଶୁଖାନ୍ତୁ ଯେପରିକି ମଞ୍ଜିରେ ୮ ରୁ ୧୦ ଭାଗ ଜଳୀୟ ଅଂଶ ରହିବ ।<br>▪ ଅମଳ ହେଇଥିବା ମଞ୍ଜିକୁ ସୁରକ୍ଷିତ ସ୍ଥାନରେ ରଖନ୍ତୁ । ପୋକ ଦାଉରୁ ସୁରକ୍ଷିତ ରଖିବା ପାଇଁ ପ୍ରତି ଏକ କିଲୋଗ୍ରାମ ମଞ୍ଜି କୁ ୨ ମିଲି ସୋରିଷ ତେଲ ସହିତ ଭଲ ଭାବରେ ମିଶାଇ ରଖନ୍ତୁ ।<br>▪ ଛୁଇଁ ଅମଳ ପରେ ଗଛ ଗୁଡ଼ିକୁ ମାଟିରେ ଚାଷ କରି ମିଶାଇ ଦିଅନ୍ତୁ । ଏହାଦ୍ବାରା ମାଟିର ଉର୍ବରତା ବଢିଥାଏ । |
| **ଚିନାବାଦାମ**<br>(ଫଳ ଧରିବା ଅବସ୍ଥା/ପାକଳ) | ▪ ମାଟିରେ ଜଳୀୟଅଂଶ ନଥିଲେ ଅମଳ ପୂର୍ବରୁ ହାଲୁକା ଜଳସେଚନ କରନ୍ତୁ ଯଦ୍ଵାରା ଅମଳ ବେଳେ ଖୋସା ଛିଡ଼ିଯାଇ ମାଟିରେ ରହି ନଥାଏ ଏବଂ ସହଜରେ ଗଛ ଉପାଡ଼ି ହେଇଯାଏ।<br>▪ ବାଦାମ ଗଛ ଉପାଡ଼ି ଫଳକୁ ତୁରନ୍ତ ଅଲଗା ନକରି ଜମିରେ ୫ ରୁ ୭ ଦିନ ଶୁଖାଇ ରଖିଲେ ଗଛରେ ଥିବା ସଂଗୃହୀତ ଖାଦ୍ୟ ଫଳ ମଧ୍ୟକୁ ପ୍ରବେଶ କରି ଦାନାର ଓଜନ ବଢାଇ ଥାଏ ।<br>**ରୋଗ ଓ ପୋକ ପରିଚାଳନା:**<br>▪ **ପତ୍ର ସୁଡଙ୍ଗ ପୋକ:** ବର୍ତମାନ ପାଗରେ ଉଚ୍ଚ ତାପମାତ୍ରା ପାଇଁ ପତ୍ର ସୁଡଙ୍ଗ ପୋକ ର ପ୍ରାଦୁର୍ଭାବ ଦେଖା ଦେବାର ସମ୍ଭାବନା ରହିଛି । ସଂକ୍ରମଣ ଦେଖାଦେଲେ ନିୟନ୍ତ୍ରଣ ପାଇଁ ୨ ମିଲିଗ୍ରାମ ପ୍ରୋଫେନୋଫୋସ୍ ୫୦% ଇସି କୁ ପ୍ରତି ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ<br>▪ **ତମ୍ବାଖୁ ପତ୍ରଖିଆ ପୋକ:** ପ୍ରତିକାର ପାଇଁ ଅଙ୍ଗୀୟ ଅବସ୍ଥାରେ ଏକର ପ୍ରତି ୮ ଟି ସ୍ପୋଡୋ ଲିଓର ଲାଗିଥିବା ଫେରୋମୋନ ଟ୍ରାପ୍ ବା ସଙ୍ଗ ଆକର୍ଷକ ଜନ୍ତା ଲଗାନ୍ତୁ ଏବଂ ତିନି ସପ୍ତାହ ପରେ ଲିଓର କୁ ବଦଳାଇ ଦିଅନ୍ତୁ ।<br>▪ **ଟୀକ୍କା ରୋଗ:** ଟୀକ୍କା ରୋଗର ପ୍ରତିକାର ପାଇଁ ୩ ଗ୍ରା. ମାଂକୋଜେବ ୭୫ % ଡବ୍ଲ୍ୟୁ.ପି କିମ୍ବା ୧ ମି.ଲି ଟେବୁକୋନାଜୋଲ ୨୯.୫ % ଇ.ସି କିମ୍ବା ୨ ଗ୍ରାମ କାରବେନଡାଜିମ ୫୦% ଡବ୍ଲୁ.ପି କୁ ପ୍ରତି ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| **ଭେଣ୍ଡି**<br>(ଫୁଲ/ଫଳ ଧରିବା ଅବସ୍ଥା/ପାକଳ ଅବସ୍ଥା) | **ରୋଗ ପରିଚାଳନା:**<br>▪ **ପାଉଁଶିଆ ରୋଗ :** ବର୍ତମାନ ପାଗରେ ଭେଣ୍ଡି ପତ୍ରରେ ପାଉଁଶିଆ ରୋଗର ସଂକ୍ରମଣ ଦେଖା ଦେଇପାରେ । ପତ୍ରରେ ସଂକ୍ରମଣର ଲକ୍ଷଣ ଦେଖାଗଲେ ୪ ଗ୍ରାମ ସଲଫର ୮୦% ଡବ୍ଲୁ.ପି କୁ ପ୍ରତି ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| **କଖାରୁ ଜାତୀୟ (କଖାରୁ, କାକୁଡ଼ି, ଲାଉ, ପାଣିକଖାରୁ, କଲରା, ପୋଟଳ ଇତ୍ୟାଦି)**<br>(ଫୁଲ/ଫଳ ଧରିବା ଅବସ୍ଥା/ପାକଳ ଅବସ୍ଥା) | **ରୋଗ ପରିଚାଳନା:**<br>▪ **ପାଉଁଶିଆ ରୋଗ :** ବର୍ତମାନ ପାଗରେ ପାଉଁଶିଆ ରୋଗର ସଂକ୍ରମଣ ଦେଖା ଦେଇପାରେ । ପତ୍ରରେ ସଂକ୍ରମଣର ଲକ୍ଷଣ ଦେଖାଗଲେ ୦.୫ ଗ୍ରାମ କାରବେନଡାଜିମ ୫୦% ଡବ୍ଲୁ.ପି କୁ ପ୍ରତି ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| **ପିଆଜ**<br>(ଫଳ ଧରିବା ଅବସ୍ଥା/ପାକଳ ଅବସ୍ଥା) | ▪ ଫଳ ବିକଶିତ ହେବା ସମୟରେ ପାଣିର ଅଭାବକୁ ଦୂର କରନ୍ତୁ ।<br>▪ ଅମଳ ଉପଯୁକ୍ତ ହୋଇଯାଇଥିଲେ ଅମଳର ଅନୂନ୍ୟ ୧୫ ଦିନ ପୂର୍ବରୁ ଜଳସେଚନ ସ୍ଥଗିତ ରଖନ୍ତୁ । ଅମଳ ପରବର୍ତୀ ଗଜା ହେବାକୁ ରୋକିବା ପାଇଁ ଅମଳ ହେଇଥିବା ପିଆଜରେ କୁ ଭଲ ବାୟୁ ଚଳଚଳ ହେଉଥିବା ସ୍ଥାନରେ ରଖନ୍ତୁ ।<br>**ରୋଗ ପରିଚାଳନା:**<br>▪ **ବାଇଗଣି ଦାଗ (ପରପଲ ବ୍ଲୋଚ୍) :** ଏହି ରୋଗର ନିୟନ୍ତ୍ରଣ ପାଇଁ ଡାଇଫେନୋକୋନାଜୋଲ୍ ୨୫% ଇ.ସି କିମ୍ବା ଟେବୁକୋନାଜୋଲ୍ ୨୫.୯% ଇ.ସି କିମ୍ବା କିଟାଜିନ୍ ୪୮% ଇ.ସି କୁ ୧ ମିଲିଗ୍ରାମ ହିସାବରେ ପ୍ରତି ଏକ ଲିଟର ପାଣିରେ ମିଶ୍ରଣ କରି ସିଞ୍ଚନ କରନ୍ତୁ ।<br>▪ **ଉକୁଣିଆ ପୋକ:** ନିୟନ୍ତ୍ରଣ ପାଇଁ ଏକର ପିଛା ୮ଟି ଅଠାଳିଆ ନୀଳ ଯନ୍ତା ଲଗାନ୍ତୁ । ରାସାୟନିକ ଉପାୟରେ ସଂକ୍ରମଣ ରୋକିବା ପାଇଁ ପ୍ରତି ୫ ଲିଟର ପାଣିରେ ୧ ଗ୍ରା. ଥିଓମେଥୋକ୍ସମ୍ ୨୫ ଡବ୍ଲ୍ୟୁ.ଜି କିମ୍ବା ପ୍ରତି ୪ ଲିଟର ପାଣିରେ ୧ ଗ୍ରାମ ଏସିଡାମିପ୍ରିଡ୍ ୨୦% ଏସ.ପି. କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ । |
| **ପଶୁପାଳନ:** | |
| **ଗାଈ ଓ ମଇଁଷି** | ▪ ଦିନର ତାପମାତ୍ରା ବୃଦ୍ଧି ପାଉଥିବାରୁ ଭାରବାହୀ ପଶୁ ମାନଙ୍କୁ ଖରାରେ କାମ କରିବାରୁ ନିବୃତ କରନ୍ତୁ । ଦୁଧିଆଳୀ ଗାଈ ଓ ମଇଁଷି ମାନଙ୍କୁ ଦିନ ୧୦ ଟା ପରେ ବାହାରକୁ ଚରିବାକୁ ଛାଡ଼ନ୍ତୁ ନାହିଁ । ପୁନର୍ବାର ଅପରାହ୍ନ ୪ ଟା ପରେ ଛାଡ଼ନ୍ତୁ। |

| | |
|---|---|
| | ବର୍ତମାନର ପାଗକୁ ଦୃଷ୍ଟିରେ ରଖି ଦୁଧିଆଳୀ ଗାଈ ଓ ମଇଁଷି ମାନଙ୍କୁ ଦିନବେଳା ଦୁଇ ରୁ ତିନି ଥର ତାଙ୍କ ଉପରେ ପାଣି ସିଞ୍ଚନ କରି ଓଦା କରନ୍ତୁ।<br>▪ ପ୍ରଚୁର ମାତ୍ରାରେ ନିର୍ମଳ ତଥା ଥଣ୍ଡା ପାନୀୟ ଜଳ ଦେବାର ବ୍ୟବସ୍ଥା କରନ୍ତୁ । |
| **ଛେଳି ଓ ମେଣ୍ଢା** | ▪ ବର୍ତମାନ ର ପାଗକୁ ଲକ୍ଷ୍ୟ କରି ବାହାରକୁ ଚରାଇବାକୁ ନେଉଥିବା ଛେଳି ଓ ମେଣ୍ଢା ମାନଙ୍କୁ ଦିନ ୧୦ ଟା ପୂର୍ବରୁ ଗୁହାଳକୁ ନେଇ ଆସନ୍ତୁ ଓ ଅପରାହ୍ନ ୪ଟା ପରେ ପୁନର୍ବାର ଚରାଇବାକୁ ଛାଡ଼ନ୍ତୁ। ପ୍ରାଣୀମାନେ ରହୁଥିବା ଗୁହାଳକୁ ଦିନବେଳା ପରଦା ଦ୍ବାରା ଆବୃତ୍ତ କରନ୍ତୁ ଓ ରାତ୍ରି ସମୟରେ ବାୟୁ ଚଳଚଳ ପାଇଁ ପରଦାକୁ କାଢି ଦିଅନ୍ତୁ । |
| **କୁକୁଡ଼ା** | ▪ ଦିନର ତାପମାତ୍ରା ବୃଦ୍ଧି ପାଉଥିବା ହେତୁ କୁକୁଡ଼ା ଘରକୁ ଯଥା ସମ୍ଭବ ଥଣ୍ଡା ରଖିବା ପାଇଁ ଯତ୍ନଶୀଳ ହୁଅନ୍ତୁ । କୁକୁଡ଼ା ମାନଙ୍କୁ ଉପଯୁକ୍ତ ପରିମାଣର ଦାନା ଓ ପନୀୟ ଜଳ ପ୍ରଦାନ କରନ୍ତୁ ।<br>▪ ବର୍ତମାନ ପାଗରେ କୁକୁଡ଼ା ରଖୁଥିବା ଘରକୁ ଦିନବେଳା ପରଦା ଢାଙ୍କି ଗରମ ପବନରୁ କୁକୁଡ଼ା ମାନଙ୍କୁ ରକ୍ଷା କରନ୍ତୁ। ଆବଶ୍ୟକ ସ୍ଥଳେ କୁକୁଡ଼ା ମାନଙ୍କ ଉପରେ ଦିନରେ ୨ ରୁ ୩ ଥର ପାଣି ସିଞ୍ଚନ କରନ୍ତୁ। |

ନୋଡାଲ ଅଫିସର
ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା

ବି.ଦ୍ର.:- ସ୍ଥାନୀୟ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପାଇଁ "ମଉସମ", ପାଣିପାଗ ଭିତିକ କୃଷି ସୂଚନା ପାଇଁ "ମେଘଦୂତ" ଓ ବିଜୁଳି ସତର୍କ ସୂଚନା ପାଇଁ "ଦାମିନୀ" ମୋବାଇଲ ଆପ୍ଲିକେସନ ବ୍ୟବହାର କରନ୍ତୁ।
କୃଷିରେ ଅଧିକତର ଲାଭ ନିମନ୍ତେ ଓୟୁଏଟି କଳିଙ୍ଗ ଦ୍ରବ୍ୟ ବ୍ୟବହାର କରନ୍ତୁ (ବିହନ, ଚାରା ଓ ଗୁଣାତ୍ମକ ବୃକ୍ଷରୋପଣ ସାମଗ୍ରୀ, ଟିସୁ କଲ୍ଚର ଚାରା, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ , ଅଙ୍ଗୁଳିକା ଯାଆଁଳ/ ବର୍ଷିକୀୟା ଯାଆଁଳ, କୁକୁଡ଼ା ଚିଆଁ, ପଶୁ ପ୍ରଜାତି, ଛତୁ ଓ ମଞ୍ଜି , ଜୀବାଣୁ ସାର , ଜୈବିକ କୀଟନାଶକ , ଜିଆ ଓ ଜିଆଖତ ଏବଂ କୃଷି ଯନ୍ତ୍ରପାତି).
ଭାରତୀୟ ପାଣିପାଗ ସଂସ୍ଥା ର ପାଣିପାଗ ଆକଳନ ଓ କୃଷିପାଣିପାଗ ଜନିତ ସୂଚନା ଏବେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ମେଘଦୂତ ଆପ ରେ ଉପଲବ୍ଧ । ଆପ ଡାଉନଲୋଡ କରିବା ପାଇଁ ନିମ୍ନ ଲିଙ୍କରେ କ୍ଲିକ କରନ୍ତୁ ।
**(Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**